# NATIONAL NEWS BULLETIN (ODIA)
## 10 March - 2025
## Evening Bulletin : 7.15 P.M.

***********************************

## ମୁଖ୍ୟ ସମ୍ବାଦ

- ହରିଆଣା ଗସ୍ତ ଶେଷ କରି ଆସନ୍ତାକାଲିଠାରୁ ଦୁଇ ଦିନିଆ ପଞ୍ଜାବ ଓ ଚଣ୍ଡିଗଡ଼ ଗସ୍ତରେ ଯିବେ ରାଷ୍ଟ୍ରପତି ।
- ଆସନ୍ତା ବୁଧବାର ମରିସସ୍‌ର ଜାତୀୟ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ପ୍ରଧାନମନ୍ତ୍ରୀ ।

– କାଲିଠାରୁ ଦୁଇ ଦିନିଆ ମରିସସ୍ ଗସ୍ତରେ ଯିବେ ଶ୍ରୀ ମୋଦୀ ।

- ଚଳିତ ଆର୍ଥିକ ବର୍ଷ ପାଇଁ ଲୋକସଭାରେ ୫୧ ହଜାର ୪୬୨ କୋଟି ଟଙ୍କାର ଖର୍ଚ୍ଚ ଦାବି ଆଗତ କଲେ ଅର୍ଥମନ୍ତ୍ରୀ ।
- ଇ-ଶ୍ରମ ପୋର୍ଟାଲ୍ ଅଧୀନରେ ପଞ୍ଜିକୃତ ହୋଇଛନ୍ତି ୩୦ କୋଟି ୬୮ ଲକ୍ଷରୁ ଊର୍ଦ୍ଧ୍ୱ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ।

ଏବଂ

- କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ ଆଜି ପାଳନ କରୁଛି ୫୬ତମ ପ୍ରତିଷ୍ଠା ଦିବସ ।

# ପ୍ରେସିଡେଣ୍ଟ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲିଠାରୁ ଦୁଇ ଦିନିଆ ପଞ୍ଜାବ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଚଣ୍ଡିଗଡ଼ ଗସ୍ତରେ ଯିବେ । ପଞ୍ଜାବ ଗସ୍ତ ସମୟରେ ରାଷ୍ଟ୍ରପତି ସେଣ୍ଟ୍ରାଲ୍ ୟୁନିଭରସିଟି ଅଫ୍ ପଞ୍ଜାବ ଏବଂ ଅଖିଳ ଭାରତୀୟ ଆୟୁରବିଜ୍ଞାନ ସଂସ୍ଥାନ ଏମସ୍ ଭଟିଣ୍ଡାର ସମାବର୍ତ୍ତନ ସମାରୋହରେ ଯୋଗଦେବେ । ତାଙ୍କ ସହ ଏହି କାର୍ଯ୍ୟକ୍ରମରେ ପଞ୍ଜାବ ରାଜ୍ୟପାଳ ଗୁଲାବଚାନ୍ଦ କଟାରିୟା ଅନ୍ୟ ମାନ୍ୟଗଣ୍ୟ ଅତିଥିମାନଙ୍କ ସହ ଉପସ୍ଥିତ ରହିବେ । ସେଣ୍ଟ୍ରାଲ୍ ୟୁନିଭରସିଟିରେ ରାଷ୍ଟ୍ରପତି ୧ହଜାର ୩୧ ଜଣଙ୍କୁ ସ୍ନାତୋକତ୍ତର ଡିଗ୍ରୀ ଏବଂ ୬୦ ଜଣଙ୍କୁ ପିଏଚ୍.ଡି. ଡିଗ୍ରୀ ପ୍ରଦାନ କରିବେ । ୪୩ ଜଣ କୃତି ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରିବେ । ଏହି ଅବସରରେ ୫ ଜଣ ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ହାସଲ କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ମାନଜନକ ଡିଲିଟ୍ ଡିଗ୍ରୀ ରାଷ୍ଟ୍ରପତି ପ୍ରଦାନ କରିବେ । ଏମସ୍ ଭଟିଣ୍ଡା ଠାରେ ରାଷ୍ଟ୍ରପତି ଚିକିତ୍ସା ବିଜ୍ଞାନର ବିଭିନ୍ନ କ୍ଷେତ୍ରର କୃତି ଛାତ୍ରଛାତ୍ରୀଙ୍କୁ ୭୨ଟି ଡିଗ୍ରୀ ଏବଂ ପଦକ ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି । ଏତଦ୍‌ବ୍ୟତୀତ ରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ମୋହାଲି ଠାରେ ପଞ୍ଜାବ ସରକାରଙ୍କ ଦ୍ୱାରା ଆୟୋଜିତ ଏକ ନାଗରିକ ସମ୍ବର୍ଦ୍ଧନା ଉତ୍ସବରେ ଶ୍ରୀମତୀ ମୁର୍ମୁ ଯୋଗଦେବେ । ମାର୍ଚ୍ଚ ୧୨ ତାରିଖ ଦିନ ରାଷ୍ଟ୍ରପତି ପଞ୍ଜାବ

ୟୁନିଭରସିଟିର ୭୨ତମ ସମାବର୍ତ୍ତନ ଉତ୍ସବକୁ ସମ୍ବୋଧିତ କରିବେ । ଏହି ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବକୁ ସମ୍ବୋଧିତ କରିବାରେ ଶ୍ରୀମତୀ ମୁର୍ମୁ ଷଷ୍ଠ ରାଷ୍ଟ୍ରପତି ହେବେ ।

ସୂଚନା ଯୋଗ୍ୟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତିନି ଦିନିଆ ହରିଆଣା, ଚଣ୍ଡିଗଡ଼ ଓ ପଞ୍ଜାବ ଗସ୍ତ ଅବସରରେ ଆଜି ହରିଆଣାର ହିସାର ସ୍ଥିତ ଗୁରୁ ଜାମ୍ଭେଶ୍ୱର ବିଜ୍ଞାନ ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିଲେ ।  ପରେ ରାଷ୍ଟ୍ରପତି ବ୍ରହ୍ମ କୁମାରୀ ସଂସ୍ଥାର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ 'ସାମଗ୍ରୀକ କଲ୍ୟାଣ ପାଇଁ ଆଧ୍ୟାତ୍ମିକ ଶିକ୍ଷା'ର ଶୁଭାରମ୍ଭ କରିଛନ୍ତି ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ଦୁଇଦିନିଆ ମରିସସ୍ ଗସ୍ତରେ ଯିବେ । ସେଠାରେ ମରିସସ୍ ପ୍ରତିପକ୍ଷଙ୍କ ସହ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ମରିସସ୍‌ର ଜାତୀୟ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ୨୦୧୫ ମସିହା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ଏହା ହେଉଛି ପ୍ରଥମ ମରିସସ୍ ଗସ୍ତ । ଉଦ୍‌ଘାଟିତ ହେବାକୁ ଥିବା ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ସିଭିଲ୍ ସର୍ଭିସ୍ କଲେଜ୍, ଆଞ୍ଚଳିକ ସ୍ୱାସ୍ଥ୍ୟ କେନ୍ଦ୍ର ଆଦି ଅନ୍ତର୍ଭୁକ୍ତ ।

ଏହି ପ୍ରକଳ୍ପ ଗୁଡ଼ିକ ଭାରତର ଆର୍ଥିକ ସହାୟତାରେ ସେଠାରେ ନିର୍ମାଣ କରାଯାଇଛି । ମରିସସ୍‌ରେ ଅବସ୍ଥାପିତ ଭାରତର ଉଚ୍ଚାୟୁକ୍ତ ଅନୁରାଗ ଶ୍ରୀବାସ୍ତବ ଆକାଶବାଣୀ ସମ୍ବାଦ ସହ କଥାବାର୍ତ୍ତାରେ କହିଛନ୍ତି, ଭାରତ ଓ ମରିସସ୍ ମଧ୍ୟରେ ସୁଦୃଢ଼, ଗତିଶୀଳ ଦ୍ୱିପାକ୍ଷିକ ସମ୍ପର୍କ ରହିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ମରିସସ୍ ଗସ୍ତ ଦୁଇଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ସହ ବିଭିନ୍ନ କ୍ଷେତ୍ରରେ ସମ୍ପର୍କ ବୃଦ୍ଧି ନେଇ ନୂତନ ମାର୍ଗ ଉନ୍ମୋଚନ କରିବାର ଆଶା କରାଯାଇଛି ।

## ଏଲ୍‌ଏସ୍-ସପ୍ଲିମେଣ୍ଟାରି ଡିମାଣ୍ଡସ୍

କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷରେ ଅତିରିକ୍ତ ୫୧ ହଜାର ୪୬୨ କୋଟି ଟଙ୍କା ଖର୍ଚ୍ଚ ପାଇଁ ସଂସଦର ଅନୁମତି ଲୋଡ଼ିଛନ୍ତି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଲୋକସଭାରେ ଦ୍ୱିତୀୟ ପର୍ଯ୍ୟାୟ ଅନୁପୂରକ ଅନୁଦାନ ଦାବି ଉପସ୍ଥାପନ କରିଥିଲେ । ମୋଟ୍ ଅତିରିକ୍ତ ଖର୍ଚ୍ଚ ଦାବି ୬ ଲକ୍ଷ ୭୮ ହଜାର ୫୦୮ କୋଟି ଟଙ୍କା ରହିଥିବା ବେଳେ ସେଥିମଧ୍ୟରୁ ୬ଲକ୍ଷ ୨୭ ହଜାର ୪୪ କୋଟି ସଞ୍ଚୟ ଏବଂ ପ୍ରାପ୍ତି ରହିବ । ଅତିରିକ୍ତ ଖର୍ଚ୍ଚ ମଧ୍ୟରେ ୧୨ ହଜାର କୋଟି ଟଙ୍କାର ସାର ରିହାତି ପାଇଁ ଥିବା ବେଳେ ୧୩ ହଜାର ୪୪୯ କୋଟି ଟଙ୍କା ସରକାରୀ କର୍ମଚାରୀଙ୍କ ପେନ୍‌ସନ୍ ସମେତ ଏକୀକୃତ ପେନ୍‌ସନ୍ ଯୋଜନା  ବାବଦରେ ରହିଛି ।

ମୋଟ୍ ଖର୍ଚ୍ଚ ମଧ୍ୟରେ ୮ହଜାର ୪୭୬ କୋଟି ଟଙ୍କାର ପ୍ରତିରକ୍ଷା ପେନ୍‌ସନ୍ ଏବଂ ୫ ହଜାର ୩୨୨ କୋଟି ଟଙ୍କା ଟେଲି ଯୋଗାଯୋଗ ବିଭାଗ ପାଇଁ ମଧ୍ୟ ରହିଛି । କେନ୍ଦ୍ରୀୟ ସହାୟତା ଅନ୍ତର୍ଗତ ଜାମ୍ମୁ କାଶ୍ମୀର ରାଜ୍ୟରେ ଅତିରିକ୍ତ ଖର୍ଚ୍ଚକୁ ତୁଲାଇବା ପାଇଁ ୩ହଜାର ୭୨୨ କୋଟି ଟଙ୍କା ଖର୍ଚ୍ଚ ଦାବି ରହିଛି । ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ଅତିରିକ୍ତ ଖର୍ଚ୍ଚ ଦାବି ୧ ହଜାର କୋଟି ଟଙ୍କା ରହିଛି ।

## ପ୍ରଧାନ-ତାମିଲନାଡୁ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, କେନ୍ଦ୍ର ସରକାର କୌଣସି ଭାଷାକୁ କାହା ଉପରେ ଜୋର୍-ଜବରଦସ୍ତି ଲାଗୁ କରିନାହାନ୍ତି । ତାମିଲନାଡୁ ସରକାର ଏ କ୍ଷେତ୍ରରେ ରାଜନୀତି କରୁଛନ୍ତି । ପାର୍ଲାମେଣ୍ଟ ବାହାରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ଶ୍ରୀ ପ୍ରଧାନ କହିଛନ୍ତି, ଯଦି କେନ୍ଦ୍ର ସରକାରଙ୍କ ଯୋଜନା ସହ ତାମିଲନାଡୁ ସରକାର ଏକମତ ହୁଅନ୍ତି ତେବେ ସେହି ରାଜ୍ୟକୁ ପି.ଏମ୍.ଶ୍ରୀ ଅନୁଦାନ ଅର୍ଥ ଦେବା ଉପରେ କେନ୍ଦ୍ର ସରକାରଙ୍କର କୌଣସି ପ୍ରତିବନ୍ଧକ ରହିବ ନାହିଁ ।

**V/O–**

ସେ କହିଛନ୍ତି, ବିରୋଧୀ ଦଳ ଶାସିତ ପଞ୍ଜାବ, କର୍ଣ୍ଣାଟକ ସରକାର ପି.ଏମ୍.ଶ୍ରୀ ଯୋଜନା ଲାଗୁ କରିବା ସହ ଜାତୀୟ ଶିକ୍ଷାନୀତିର କାର୍ଯ୍ୟାନ୍ୱୟନ କରିଛନ୍ତି ।

## ଆର୍‌ଏସ୍‌-ରେଲୱେ ଆମେଣ୍ଡମେଣ୍ଟବିଲ୍‌

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ରାଜ୍ୟସଭାରେ ରେଳବାଇ ସଂଶୋଧନ ବିଧେୟକ ୨୦୨୪ ଆଗତ କରିଛନ୍ତି । ରେଲୱେ ଅଧିନିୟମ ୧୯୮୯କୁ ସଂଶୋଧନ କରିବା ଏହି ବିଧେୟକର ଲକ୍ଷ୍ୟ । ଏହି ବିଧେୟକ ରେଳବାଇ ବୋର୍ଡର କ୍ଷମତାକୁ ବୃଦ୍ଧି କରିବା ସହ କାର୍ଯ୍ୟ ଶୈଳୀକୁ ତ୍ୱରାନ୍ୱିତ କରି ଏହାକୁ ସ୍ୱତନ୍ତ୍ରତା ପ୍ରଦାନ କରିବ । ବିଲ୍ ଆଗତ କରି ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ବିଧେୟକ ଜରିଆରେ ଭାରତୀୟ ରେଳବାଇ ବୋର୍ଡ ଅଧିନିୟମ ୧୯୦୫କୁ ରେଳବାଇ ଅଧିନିୟମ ୧୯୮୯ରେ ଅନ୍ତର୍ଭୁକ୍ତ କରିବାର ପ୍ରସ୍ତାବ ରହିଛି । ପୂର୍ବରୁ ଲୋକସଭା ଏହି ବିଧେୟକକୁ ମଞ୍ଜୁରୀ ପ୍ରଦାନ କରିସାରିଛି ।

## ପିଏମ୍-ସିଆଇଏସ୍‌ଏଫ୍

କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳର ୫୬ତମ ପ୍ରତିଷ୍ଠା ଦିବସ ଆଜି ପାଳିତ ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ଆଜି ସି.ଆଇ.ଏସ୍.ଏଫ୍.ର ଯବାନମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ସି.ଆଇ.ଏସ୍.ଏଫ୍.ର ସମର୍ପଣ ଭାବ, ସାହସ, କର୍ତ୍ତବ୍ୟନିଷ୍ଠା ଅତୁଳନୀୟ । ଶ୍ରୀ ମୋଦୀ ପୁଣି କହିଛନ୍ତି, ଦେଶର ସୁରକ୍ଷା ବ୍ୟବସ୍ଥାରେ ସି.ଆଇ.ଏସ୍.ଏଫ୍.ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଭିତ୍ତିଭୂମି କ୍ଷେତ୍ର ଏବଂ ବିଭିନ୍ନ ଶିଳ୍ପ ସଂସ୍ଥାକୁ ସୁରକ୍ଷା ପ୍ରଦାନ କରିବାରେ ସି.ଆଇ.ଏସ୍.ଏଫ୍.ର ପ୍ରତିବଦ୍ଧତାକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି ।

## ନ୍ୟାସନାଲ୍ ସେଫ୍ଟି ୱିକ୍

ସମଗ୍ର ଦେଶରେ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଦେଶରେ ପ୍ରତ୍ୟେକ ବର୍ଷ ମାର୍ଚ୍ଚ ମାସ ୪ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଏହି ସପ୍ତାହ ପାଳନ କରାଯାଇଥାଏ । ବିଭିନ୍ନ କ୍ଷେତ୍ରରେ ସୁରକ୍ଷା ସତର୍କତା ଦିଗରେ ସଚେତନତା ସୃଷ୍ଟି ଏହି ସପ୍ତାହ ପାଳନର ଲକ୍ଷ୍ୟ । ଚଳିତ ବର୍ଷର ବାର୍ତ୍ତା ରହିଛି 'ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ବିକଶିତ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ' ।

## ଏଲ୍‌ଏସ୍‌-ଓ୍ୱାର୍କର

ସରକାର କହିଛନ୍ତି, ଇ-ଶ୍ରମ ପୋର୍ଟାଲ୍‌ ଅଧୀନରେ ୩୦ କୋଟି ୬୮ ଲକ୍ଷରୁ ଊର୍ଦ୍ଧ୍ୱ ଅଣସଂଗଠିତ ଶ୍ରମିକ ପଞ୍ଜିକୃତ ହୋଇଛନ୍ତି । ଏହି ପୋର୍ଟାଲ୍‌ ୨୦୨୧ ମସିହାରେ ଅଣସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ପାଇଁ ଏକ ବ୍ୟାପକ ଜାତୀୟ ଡାଟାବେଶ୍‌ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିଲା । ଲୋକସଭାରେ ଆଜି ଏକ ଲିଖିତ ଉତ୍ତରରେ ଶ୍ରମ ଏବଂ ନିୟୋଜନ ରାଷ୍ଟ୍ରମନ୍ତ୍ରୀ ସୁଶ୍ରୀ ଶୋଭା କରନ୍ଦଲାଜେ କହିଛନ୍ତି, ମୋଟ୍‌ ପଞ୍ଜିକୃତ ଶ୍ରମିକମାନଙ୍କ ମଧ୍ୟରୁ ୫୩ ପ୍ରତିଶତ ମହିଳା ରହିଛନ୍ତି । ସେ କହିଛନ୍ତି, ବିଭିନ୍ନ କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ବିଭାଗ ପକ୍ଷରୁ ଇ-ଶ୍ରମ ସହ ୧୩ଟି ଯୋଜନାକୁ ସମନ୍ୱୟ କରାଯାଇଛି । ସେ ଗୁଡ଼ିକ ମଧ୍ୟରେ ପି.ଏମ୍‌. ସ୍ୱନିଧି, ପ୍ରଧାନମନ୍ତ୍ରୀ ସୁରକ୍ଷା ବିମାନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଆଓ୍ୱାସ ଯୋଜନା ଗ୍ରାମୀଣ ଏବଂ ଆୟୁଷ୍ମାନ୍‌ ଭାରତ – ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ରହିଛି ।

## ଏଲ୍‌ଏସ୍‌-ଲେଡିଙ୍ଗ୍‌ ବିଲ୍‌

ଲୋକସଭାରେ ଆଜି ବିଲ୍‌ସ୍‌ ଅଫ୍‌ ଲେଡିଙ୍ଗ୍‌ ବିଲ୍‌ ୨୦୨୪ ଆଗତ ହୋଇଛି । କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ

ସୋନୱାଲ୍ ଆଜି ସଦନରେ ବିଧେୟକ ଉପସ୍ଥାପନ କରିଛନ୍ତି । ସେ କହିଛନ୍ତି, ଏହି ବିଧେୟକ ଜାହାଜ ଚଳାଚଳ କ୍ଷେତ୍ର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବାଣିଜ୍ୟ କାର୍ଯ୍ୟକଳାପ ବୃଦ୍ଧିକୁ ଏହା ତ୍ୱରାନ୍ୱିତ କରିବ । ଏହି ବିଧେୟକ ୧୮୫୬ ମସିହାରୁ ପ୍ରଚଳିତ । ଇଣ୍ଡିଆନ୍ ବିଲ୍ସ ଅଫ୍ ଲେଡିଙ୍ଗ୍ ଆକ୍ଟର ସ୍ଥାନ ନେବା ସହ ବିଲ୍ସ ଅଫ୍ ଲେଡିଙ୍ଗ୍ ପାଇଁ ନ୍ୟାୟିକ ଦସ୍ତାବିଜ୍ ପ୍ରଦାନ କରିବ । ବିଲ୍ ଅଫ୍ ଲେଡିଙ୍ଗ୍ ହେଉଛି ଏକ ଦସ୍ତାବିଜ୍, ଯାହାକି ପରିବହନକାରୀ ସଂସ୍ଥା ଦ୍ୱାରା ପରିବହନ ହେଉଥିବା ମାଲ୍‌ର ମାଲିକଙ୍କୁ ପ୍ରଦାନ କରାଯାଇଥାଏ । ସେଥିରେ ମାଲ୍‌ର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଇଥାଏ । ଏହି ଅଧିନିୟମ ଅନ୍ତର୍ଗତ ବିଲ୍ ଅଫ୍ ଲେଡିଙ୍ଗ୍ ଜାହାଜରେ ମାଲ ପରିବହନ ହେଉଥିବା ବଳିଷ୍ଠ ଆଇନଗତ ଦସ୍ତାବିଜ୍ ।

ଶ୍ରୀ ସୋନୱାଲ କହିଛନ୍ତି, ଏହି ଆଇନ୍ ଆମର ଅନନ୍ୟ ପରିଚୟକୁ ପ୍ରତିଫଳିତ କରିବା ସହ ଔପନିବେଶକ ଯୁଗର ଆଇନ୍‌କୁ ସମାପ୍ତ କରିବ ।

## କୋର୍ଟ୍-ଇଞ୍ଜିନିୟର୍ ରଶିଦ୍

ଦିଲ୍ଲୀର ଏକ ଅଦାଲତ ଆଜି ଜାମ୍ମୁ ଓ କାଶ୍ମୀର ସାଂସଦ ଶେଖ୍ ଅବଦୁଲ୍ ରଶିଦ୍ ଯିଏକି ଇଞ୍ଜିନିୟର୍ ରଶିଦ୍ ଭାବେ ପରିଚିତ ତାଙ୍କର ପାରୋଲ୍ ଆବେଦନକୁ ଖାରଜ କରିଛନ୍ତି । ପାର୍ଲାମେଣ୍ଟର ଅଧିବେଶନରେ

ଯୋଗଦେବା ଲାଗି ସେ ପାରୋଲ୍ ଆବେଦନ କରିଥିଲେ । ଅତିରିକ୍ତ ଦୌରାଜଜ୍ ଚନ୍ଦରଜିତ ସିଂହ ତାଙ୍କର ଆବେଦନକୁ ଖାରଜ କରିବା ସହ ଚଳିତ ମାସ ୧୯ ତାରିଖକୁ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି ।

୨୦୧୯ ମସିହାରୁ ରଶିଦ୍ ତିହାର୍ ଜେଲ୍‌ରେ ଅଛି । ୨୦୧୭ ମସିହାରେ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍.ଆଇ.ଏ. ଦ୍ୱାରା ତାକୁ ଗିରଫ୍ କରାଯାଇଥିଲା ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଅନ୍‌ଲାଇନ୍ ଆର୍ଥିକ ଠକେଇ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରର ନିର୍ଦ୍ଦେଶକ ନିଶାନ୍ତ କୁମାର ଏବଂ ଦିଲ୍ଲୀ ପୁଲିସ୍ ସ୍ୱତନ୍ତ୍ର ସେଲ୍‌ର ଯୁଗ୍ମ କମିଶନର ରଜନିଶ ଗୁପ୍ତା ଏହି ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ

ଗଣମାଧ୍ୟମ X ରେ ହ୍ୟାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।